## ଆଇନଜୀବୀଙ୍କ ଘରୁ ଚୋରି

ଭୁବନ,(ବିପିନ ବିହାରୀ ସେଠୀ): ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ନୂଆ ଭୁବନର ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ଦାଶଙ୍କ ଘରୁ ଚୋରି ହୋଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘରେ ଥିବା ସମସ୍ତ ଆସବାବପତ୍ର ଓ ସୁନା ଚେନ, ମୁଦି ଓ ୨୭ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ୪୮ ଘଣ୍ଟା ବିତିଲା, ରହସ୍ୟ ଉନ୍ମୋଚିତ ହେଲାନି

**କଲେଜ ଛାତ୍ରୀ ଜସ୍ମିନ୍ ହତ୍ୟା ମାମଲା**

■ପୋଲିସର ତନାଘନା ଜାରି, ସିସିଟିଭି ଫୁଟେଜ୍ ଯାଞ୍ଚ, ୨ ଅଟକ



ଢେଙ୍କାନାଳ,୨।୩(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ମଜ୍ଜୁରି ଗ୍ରାମର କଲେଜ ଛାତ୍ରୀ ଜସ୍ମିନ୍ ସାହୁ ହତ୍ୟା ଘଟଣାକୁ ଶନିବାର ୪୮ ଘଣ୍ଟା ପୂରିଛି। ହେଲେ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ହୋଇପାରି ନାହିଁ କି ଅପରାଧିଙ୍କ ନିକଟରେ ପହଞ୍ଚିପାରିନି ପୋଲିସ। ତେବେ ଏ ନେଇ ପୋଲିସ ତଦନ୍ତ ଜାରି ରହିଥିବା ବେଳେ ସ୍ଥାନୀୟ ଅଞ୍ଚଳର ୨ଜଣ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଅଟକ ଥିବା ଯୁବକ ଦ୍ୱୟ ମୃତ ଜସ୍ମିନଙ୍କ ପଡ଼ୋଶୀ ଓ ସମ୍ପର୍କୀୟ ବୋଲି ଆଲୋଚନା ହେଉଛି। ଏପରି କି ପୂର୍ବ ରାଗରୁ ଏହି ହତ୍ୟାକାଣ୍ଡ ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ଦିନ ତମାମ ପୋଲିସ ଜସ୍ମିନ୍‌ଙ୍କ ବାପା ତଥା ବ୍ୟବସାୟୀ ଜଳନ୍ଧର ସାହୁଙ୍କ ସମେତ ତାଙ୍କର ସମ୍ପର୍କୀୟମାନଙ୍କୁ ପଚରାଉଚରା ଜାରି ରଖିଛି। ଢେଙ୍କାନାଳ ସହରର ମହାବୀର ବଜାରଠାରୁ ଆରମ୍ଭ କରି ଗଣେଶ ବଜାର, ରଥଗଡା, ଜୁବୁଲି ଟାଉନ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜକୁ ନେଇ ପୋଲିସ ଯାଞ୍ଚ କରୁଛି। ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶରେ ପୋଲିସ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ନିୟୋଜିତ ହୋଇଛନ୍ତି। ସେହିପରି ଜସ୍ମିନ୍ ପଢିବାକୁ ଯାଉଥିବା କୁଞ୍ଜକାନ୍ତସ୍ଥିତ କୋଚିଂ ସେଣ୍ଟରର ଜଣେ କର୍ମକର୍ତ୍ତାଙ୍କୁ ଜେରା କରାଯାଇଛି। ଏ ସମ୍ପର୍କରେ ଏସ୍‌ପି ମଡକର ସନ୍ଦୀପ ସମ୍ପତ କହିଛନ୍ତି, ପୋଲିସ ପକ୍ଷରୁ ତନାଘନା ଜାରି ରହିଛି। ଘଟଣା ସମ୍ପର୍କରେ କିଛି ପ୍ରମାଣ ମିଳିଛି। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାସ ହେବ।

ସୂଚନାଯୋଗ୍ୟ, ମଜ୍ଜୁରି ଗ୍ରାମର ଜଳନ୍ଧର ସାହୁଙ୍କ ଝିଅ ଜସ୍ମିନ୍ ଢେଙ୍କାନାଳ ସରକାରୀ ମହିଳା ଜୁନିୟର କଲେଜରେ ଯୁକ୍ତ୨ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ଥିଲେ। ଗୁରୁବାର ଅପରାହ୍ନ ୧ଟାରେ ସେ ସହରସ୍ଥିତ କୁଞ୍ଜକାନ୍ତଠାରେ ଥିବା କୋଚିଂ ସେଣ୍ଟରକୁ ପଢିବାକୁ ଯାଇ ସନ୍ଧ୍ୟା ୫ଟା ୪୦ରେ ଫେରିଥିବା ସହରସ୍ଥିତ ରଥଗଡାଠାରେ ଥିବା ଏକ କଖାରୁ ଗୋଦାମର ସିସିଟିଭି ଫୁଟେଜରୁ ଜଣାପଡିଛି। ଏହାପରେ ସେ ଘରକୁ ଫେରି ନ ଥିଲେ। ଶୁକ୍ରବାର ତାଙ୍କ ମୃତଦେହ ଢେଙ୍କାନାଳ-ଭାପୁର ରାସ୍ତା କଡ଼ର ଏକ ବୁଦା ମୂଳରୁ ମିଳିଥିଲା। ସେଠାରେ ଏକ ମଦବୋତ୍ତଲ ବୋତଲ, ଚପଲହଳ ଏବଂ ଓଢଣି ସହ ରକ୍ତଭିଜା ପଥର ପଡିଥିବାରୁ ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି।

### ଏନ୍‌ଏଚ୍‌ଆର୍‌ସିରେ ମାମଲା ଦାଏର

ଢେଙ୍କାନାଳ, ୨।୩(ରତନ ନାୟାର)

ଢେଙ୍କାନାଳ ସଦର ଥାନା ମଙ୍ଗଳପୁର ପଞ୍ଚାୟତ ମଜ୍ଜୁରି ଗ୍ରାମର ନାବାଳିକା କଲେଜ ଛାତ୍ରୀଙ୍କୁ ପଥରରେ ଛେଚି ନିର୍ମମ ହତ୍ୟା କରାଯିବା ଘଟଣାକୁ ନେଇ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ନଂ-୩୪୪୮/୨୦୨୪ରେ ମାମଲା ଦାଏର କରିଛନ୍ତି ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ମୃତ ନାବାଳିକାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ସେ ଅନୁରୋଧ କରିଛନ୍ତି। ଏହି ମାମଲାରେ ମୁଖ୍ୟମନ୍ତ୍ରୀ, ପୋଲିସ ଡିଜି, ରାଜ୍ୟ ଗୃହ ବିଭାଗ ସଚିବ ଓ ଢେଙ୍କାନାଳ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ମଜ୍ଜୁରି ଗ୍ରାମରେ ଭାଜପାର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଢେଙ୍କାନାଳ,୨।୩(ରତନ ନାୟାର)



ଭାଜପାର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ମୃତ ଛାତ୍ରୀ ଜସ୍ମିନଙ୍କ ପରିବାର ସହ ଆଲୋଚନା କରୁଛନ୍ତି।

ଢେଙ୍କାନାଳ ଜିଲା ସଦର ଥାନା ମଙ୍ଗଳପୁର ପଞ୍ଚାୟତ ମଜ୍ଜୁରି ଗ୍ରାମର ଜଳନ୍ଧର ସାହୁଙ୍କ ଝିଅ ତଥା କଲେଜ ଛାତ୍ରୀ ଜସ୍ମିନ ସାହୁଙ୍କ ହତ୍ୟା ଘଟଣାର ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ପାଇଁ ଭାଜପାର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପକ୍ଷରୁ ଶନିବାର ଏସ୍‌ପିଙ୍କ ନିକଟରେ ଦାବି କରାଯାଇଛି। ଅପରାହ୍ନ ୩ଟାରେ ଭାଜପାର ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଡ. ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ନେତୃତ୍ୱରେ ରଶ୍ମିତା ପଟ୍ଟନାୟକ, ରାଜ୍ୟ ସୋସିଆଲ ମିଡିଆ ପ୍ରଭାରୀ ସୁଚିସ୍ମିତା ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରୋଜ ନଳିନୀ ମହାଳିକ, ସଂଘମିତ୍ରା ପ୍ରଧାନ, ଜିଲା ମହିଳା ମୋର୍ଚ୍ଚା ସଭାପତି ମମତା ସ୍ୱାଇଁ, ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ମିଡିଆ ସେଲ୍ ପ୍ରଭାରୀ ନବକିଶୋର ଗୁରୁ, ବିଷ୍ଣୁ ପ୍ରସାଦ ଲେଙ୍କା, ଅନିତା ଦାସ, ଇତିଶ୍ରୀ ସାହୁ, ଯଶସ୍ୱିନୀ ରାଉତ, ସସ୍ମିତା ସାମଲ, ରତ୍ନପ୍ରଭା ପଣ୍ଡା, ପରଜଙ୍ଗ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ମହାଦୀପ ଯଶୋବନ୍ତ ମହିମା ପ୍ରମୁଖ ମୃତ ଛାତ୍ରୀଙ୍କ ଘରକୁ ଯାଇ ତାଙ୍କ ବାପା ଜଳନ୍ଧର ସାହୁ ଓ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିବା ପରେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏହାପରେ ଜିଲା ପୋଲିସ କାର୍ଯ୍ୟାଳୟରେ ଏସ୍‌ପିଙ୍କୁ ଭେଟି ଜଣେ ବରିଷ୍ଠ ଓ ଅଭିଜ୍ଞ ପୋଲିସ ଅଧିକାରୀଙ୍କ ଦ୍ୱାରା ଘଟଣାର ତଦନ୍ତ କରିବା ପାଇଁ ଦାବି କରିବା ସହିତ ଭବିଷ୍ୟତରେ ଏଭଳି ଘଟଣା ଯେପରି ନ ଘଟେ ସେଥିପାଇଁ ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ନିମନ୍ତେ ଅନୁରୋଧ କରିଥିଲେ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅପରାଧୀଙ୍କୁ ଗିରଫ କରିବା ପାଇଁ ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ଭାଜପା ପକ୍ଷରୁ ଜଣାଯାଇଛି। ଅପରାହ୍ନରେ ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଜିଲା ଭାଜପା ଉପସଭାପତି ସନାତନ ବେହେରା ପ୍ରମୁଖ ମୃତ ଛାତ୍ରୀଙ୍କ ଘରେ ପହଞ୍ଚି ତାଙ୍କ ପରିବାର ସହ ଆଲୋଚନା କରି ସମବେଦନା ଜଣାଇଥିଲେ।

# ବଲିଉଡ୍ କଣ୍ଠଶିଳ୍ପୀଙ୍କ ଗୀତରେ ବିଭୋର ଛାତ୍ରୀଛାତ୍ର

**ସିନ୍‌ଫେଷ୍ଟ-୨୦୨୪ ଉଦ୍‌ଯାପିତ**

ଢେଙ୍କାନାଳ,୨।୩(ରତନ ନାୟାର)

ଢେଙ୍କାନାଳ ସିନର୍ଜୀ ଇଞ୍ଜିନିୟରିଂ କଲେଜର ବାର୍ଷିକ ସାଂସ୍କୃତିକ ଉତ୍ସବ ସିନଫେଷ୍ଟ-୨୦୨୪ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ କଲେଜ ନିର୍ଦ୍ଦେଶକ ପ୍ରଶାନ୍ତ ନାୟକ, ବିଏସ୍‌ସି ପ୍ରିନ୍ସିପାଲ ମାତୃ ପ୍ରସାଦ ଦାସ, ବିଏସ୍‌ସି ନର୍ସିଂ ପ୍ରିନ୍ସିପାଲ କଳ୍ପନା ପୃଷ୍ଟି, ଡିପ୍ଲୋମା ପ୍ରିନ୍ସିପାଲ ସରୋଜ କୁମାର ନାୟକ, ପଦାର୍ଥ ବିଜ୍ଞାନ ମୁଖ୍ୟ ଜୟଶ୍ରୀ ସିଂହ, ସହ ଆବାହିକା କଳ୍ପନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍ କଣ୍ଠଶିଳ୍ପୀ ନିରଜ ବକ୍ସି ଓ ଶର୍ମିଷ୍ଠା ସରକାରଙ୍କ ଗୀତରେ ଛାତ୍ରୀଛାତ୍ରମାନେ ବିଭୋର ହୋଇଥିଲେ। ସେହିପରି କଣ୍ଠଶିଳ୍ପୀ କେଡି କୁଳଦୀପ ଓ ଦେବସ୍ମିତା ନାୟକ ମଧ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧାପିକା ଅଧାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।





# ଆଇନଶୃଙ୍ଖଳା ପରିସ୍ଥିତି ନେଇ କଂଗ୍ରେସର ଉଦ୍‌ବେଗ

■ହତ୍ୟା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କର

■ମୃତ ଛାତ୍ରୀ ଜସ୍ମିନ୍‌ଙ୍କ ପରିବାରକୁ କ୍ଷତିପୂରଣ ଦିଅ

ଢେଙ୍କାନାଳ,୨।୩(ରତନ ନାୟାର)



ଆଇନଶୃଙ୍ଖଳା ପରିସ୍ଥିତି ଓ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ କଂଗ୍ରେସର ଖବରଦାତା ସମ୍ମିଳନୀ।

ଢେଙ୍କାନାଳ ଜୁନିୟର ମହିଳା କଲେଜ ଛାତ୍ରୀ ଜସ୍ମିନ ସାହୁଙ୍କ ହତ୍ୟା ଘଟଣା ଏବଂ ଜିଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ମହିଳାମାନଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାର ଓ ଜିଲା ପ୍ରଶାସନର ବିଫଳତାକୁ ଦାୟୀ କରାଯାଇଛି। ଏହି ଘଟଣାକୁ ନେଇ ଜିଲା କଂଗ୍ରେସ ସଭାପତି ସୁନୀଲ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଜ୍ଜୁରି ଗ୍ରାମକୁ ଯାଇ ଜସ୍ମିନଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ ଏବଂ ପରିବାରକୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦେବା ନିମନ୍ତେ ଦାବି କରିଥିଲେ।

ଅପରାହ୍ନ ସାଢେ ୫ଟାରେ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧୀମନ୍ଦିର ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରି ଜିଲା ସଭାପତି କହିଲେ, ମଜ୍ଜୁରି ଓ ମଙ୍ଗଳପୁର ଗ୍ରାମକୁ ଯାଇଥିବା ସଡ଼କର ଆଲୋକୀକରଣ କରିବା ସହିତ ଜସ୍ମିନଙ୍କ ମୃତ୍ୟୁ ସମ୍ପର୍କରେ ଉପଯୁକ୍ତ ଯାଞ୍ଚ କରାଯାଇ ଦୋଷୀଙ୍କୁ ତୁରନ୍ତ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମୃତ ଛାତ୍ରୀଙ୍କ ପରିବାରକୁ ଅନ୍ୟୁନ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା, ଢେଙ୍କାନାଳ ସହରର ବିଭିନ୍ନ ସ୍ଥାନରେ ତୁରନ୍ତ ସିସିଟିଭି କ୍ୟାମେରା ଲଗାଯିବା, ଘରୋଇ ଟିଉଟୋରିଆଲ ଓ କୋଚିଂ ସେଣ୍ଟର ଛାତ୍ରୀଛାତ୍ରମାନଙ୍କ ଯିବା ଆସିବା ସମ୍ପର୍କରେ ରେଜିଷ୍ଟର ରଖିବା ନିମନ୍ତେ ପ୍ରଶାସନିକ ନିର୍ଦ୍ଦେଶନାମା କରିବା ସମ୍ପର୍କିତ ୪ ଦଫା ଦାବିପତ୍ର ଏସ୍‌ପିଙ୍କୁ ପ୍ରଦାନ କରାଯାଇଥିବା ବେଳେ ଏହାର ନକଲ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲା ମହିଳା କଂଗ୍ରେସ ସଭାପତି ସ୍ମିତାରାଣୀ ସାମଲ, ମୁଖପାତ୍ର ଡା. ତୁଷାରକାନ୍ତି ନାୟକ, ରୁଦ୍ର ପ୍ରକାଶ ଶରଣ, ବିଜୟ କୁମାର ସେନ, ବେଣୁଧର ସାହୁ, ସରୋଜ ଶତପଥୀ, ଅଜିତାନନ୍ଦ ବିହାରୀ, ବାସନ୍ତି ସ୍ୱାଇଁ, ରୁମେନା ବେଗମ, ସ୍ୱପ୍ନାରାଣୀ ଜେମ୍‌ସ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

ଢେଙ୍କାନାଳ,୨।୩ (ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ଭଗବାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର(୭୩)ଙ୍କ ଶନିବାର ମୁକ୍ତାଦେଇପୁର ଶାସନସ୍ଥିତ ବାସଭବନଠାରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଜ୍ୟୋଷ୍ଠପୁତ୍ର ଓସିଏ କ୍ରିକେଟ୍ ଏକାଡେମୀର କୋଚ୍ ଅଭିଜିତ ମିଶ୍ର, କନିଷ୍ଠ ପୁତ୍ର ଅମରଜିତ ମିଶ୍ର, ଝିଅ ଜିନାଗୁପ୍ତା ମିଶ୍ର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶୋକପ୍ରକଟ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ ମୁକ୍ତାଦେଇପୁର ଶାସନର ବିପିନ ବଲ୍ଲଭ ମିଶ୍ରଙ୍କ ଧର୍ମପତ୍ନୀ ଥିଲେ।

# ବିଭିନ୍ନ ପ୍ରକଳ୍ପର ଭୂମି ପୂଜନ, ଉଦ୍‌ଘାଟନ

ଢେଙ୍କାନାଳ,୨।୩(ରତନ ନାୟାର)



ଗଁଦିଆ ବ୍ଲକ ବେଲମାଳିଆଠାରୁ କରଡ଼ାବଣୀ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

ଢେଙ୍କାନାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗଁଦିଆ ବ୍ଲକର ବିଭିନ୍ନ ପ୍ରକଳ୍ପର ଭୂମି ପୂଜନ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଏମ୍‌ପି ମହେଶ ସାହୁ ଓ ବିଧାୟକ ସୁଧୀର କୁମାର ସାମଲଙ୍କ ଦ୍ୱାରା ଶନିବାର ଅନୁଷ୍ଠିତ ହୋଇହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୋଟ୍ ୨୦ କୋଟି ୯୪ ଲକ୍ଷ ୯୭ ହଜାର ଟଙ୍କାର ବ୍ୟୟ ଅଟକଳ ହୋଇଥିବା ଏହି ପ୍ରକଳ୍ପଗୁଡିକର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ ହୋଇଥିଲା। ପ୍ରକଳ୍ପଗୁଡିକ ମଧ୍ୟରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୪ଟି ରାସ୍ତା ବେଗା ଠାରୁ ଲେଥକା ୧ କୋଟି ୭୨ଲକ୍ଷ ୨୮ ହଜାର, ବେଲମାଳିଆ ଠାରୁ କରଡ଼ାବଣି ରାସ୍ତା ୪କୋଟି ୪୭ଲକ୍ଷ ୫୭ ହଜାର, ପିଙ୍ଗୁଆ ଠାରୁ ଦଶମାଣପାଟଣା ରାସ୍ତା ୪ କୋଟି ୪ଲକ୍ଷ ୮୮ହଜାର ଓ ନେଉଳପୋଇ ଠାରୁ ଦେଓଗାଁ ପର୍ଯ୍ୟନ୍ତ ୪ କୋଟି ୩୨ଲକ୍ଷ ୮ ହଜାର ଟଙ୍କା ରହିଛି। ସେହିପରି ପବ୍ଲିକ୍ ହେଲ୍‌ଥ ସେଣ୍ଟର ଅନ୍ତର୍ଗତ ୭ ଗୋଟି ଦୈନିକ ସେବାକେନ୍ଦ୍ର ସୋରିଷିଆପଦା ୩୮ଲକ୍ଷ ୬୧ ହଜାର, ମଠତେନ୍ତୁଳିଆ ୩୮ଲକ୍ଷ ୫୮ ହଜାର, କାଲୁରିଆ ୩୮ଲକ୍ଷ ୮୧ ହଜାର, ମନ୍ଦାର ୩୮ଲକ୍ଷ ୯୭ ହଜାର, ବେଗା ୩୮ଲକ୍ଷ ୬୧ ହଜାର, ରାଇତଳା ୩୮ଲକ୍ଷ ୫୮ ହଜାର ଓ ପିଙ୍ଗୁଆ ଠାରେ ୧ କୋଟି ୯୬ ହଜାର ଟଙ୍କା ବ୍ୟୟ ବରାଦରେ ହେବାକୁ ଥିବା ସେବାକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାବ୍ୟତୀତ ୨ କୋଟି ୭୮ଲକ୍ଷ ୨୯ ହଜାର ଟଙ୍କାରେ ପୁରୁଣାଅମାଙ୍ଗ ଠାରୁ ଭାଲିଆପାଳ ରାସ୍ତାରେ ଏକ ପୋଲ ନିର୍ମାଣ ଏବଂ ୨୬ଲକ୍ଷ ୭୬ ହଜାର ଟଙ୍କା ବ୍ୟୟରେ ହେବାକୁ ଥିବା କାଲୁରିଆ ଠାରେ ବିଲ୍ଡିଂ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏମ୍‌ପି ଓ ବିଧାୟକଙ୍କ ସମେତ ଏହି କାର୍ଯ୍ୟକ୍ରମ ଗୁଡିକରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଗଁଦିଆ ବ୍ଲକ୍ ଅଧକ୍ଷା ରୀନାରାଣୀ ଖଟୁଆ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ, ଢେଙ୍କାନାଳ ଗଁଦିଆ ଡିଭିଜନର ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସରପଞ୍ଚ, ସମିତିସଭ୍ୟ ଓ ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଏସ୍‌ବିଆଇ ପକ୍ଷରୁ ଋଣ ପ୍ରଦାନ

ଢେଙ୍କାନାଳ,୨।୩(ରତନ ନାୟାର)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଦୀନେଶ ପୃଥ୍ୱୀ ଶନିବାର ଦିନିକିଆ ଢେଙ୍କାନାଳ ଗସ୍ତରେ ଆସି ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ଶାଖା ଏବଂ ବଜାର ଶାଖା ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ବ୍ୟାଙ୍କ କର୍ମଚାରୀଙ୍କ ସହ ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସରକାରଙ୍କ ଷ୍ଟାଣ୍ଡ-ଅପ୍ ଇଣ୍ଡିଆ, ମୁଦ୍ରା ଯୋଜନା, ପିଏମ୍‌ଇଜିପି, ପେନ୍‌ସନ୍ ଓ ବ୍ୟକ୍ତିଗତ ଋଣ ହିତାଧିକାରୀମାନଙ୍କୁପ୍ରଦାନ କରିଥିଲେ। ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ମୋଟ୍ ୫ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟ ମହାପ୍ରବନ୍ଧକ ପୃଥ୍ୱୀଙ୍କ ସହ ମହାପ୍ରବନ୍ଧକ ଏମ୍. ପୋନ୍ନାମ୍ବାଲାମ, ଉପ ମହାପ୍ରବନ୍ଧକ ଶୈଳେଶ ସିନ୍ନା, ଆଞ୍ଚଳିକ ପ୍ରବନ୍ଧକ ଅରୁଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଢେଙ୍କାନାଳ ମୁଖ୍ୟ ଶାଖାର ପ୍ରବନ୍ଧକ ମିନକେତନ ବରାଳେବାଡିଆ, ଢେଙ୍କାନାଳ ବଜାର ଶାଖାର ପ୍ରବନ୍ଧକ ବିଶ୍ୱ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଋଣ ପ୍ରଦାନରେ ସହାୟତା କରିଥିଲେ।



# ସାଇ ଶ୍ରୀକ୍ଷେତ୍ରର ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଢେଙ୍କାନାଳ,୨।୩(ରତନ ନାୟାର)

ଢେଙ୍କାନାଳ ଶ୍ୟାମାଚରଣପୁରସ୍ଥିତ ସାଇ ଶ୍ରୀକ୍ଷେତ୍ର ପୀଠର ୧୪ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଓ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଏହି ଉପଲକ୍ଷେ କଳସ ଯାତ୍ରା, ଯଜ୍ଞାଧିବାସ, ପିଲାଙ୍କି ଯାତ୍ରା, ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସେହିପରି ଶନିବାର ସକାଳ ୬ଟାରୁ ମହାସ୍ନାନ, ଗୋପୂଜା, ସୂର୍ଯ୍ୟପୂଜା ପରେ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଇଥିଲା। ସକାଳ ସାଢେ ୬ଟାରେ କାକଡ ଆରତୀ ହୋଇଥିଲା। ସକାଳ ୭ଟାରେ ସହରସ୍ଥିତ ଷ୍ଟେଶନବଜାର ଠାରୁ ସହର ପରିକ୍ରମା କରି ଶ୍ରୀ ସାଇନାଥ ମହାରାଜଙ୍କ ପାଲିଙ୍କି ଶୋଭାଯାତ୍ରା ଶ୍ୟାମାଚରଣପୁରସ୍ଥିତ ସାଇ ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲା। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମଧ୍ୟାହ୍ନ ସାଢେ ୧୨ଟାରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟ ସାଢ଼େ ୫ଟାରେ ଯଜ୍ଞ ପୂର୍ଣ୍ଣାହୂତି ହୋଇଥିଲା। ସନ୍ଧ୍ୟା ସାଢେ ୬ଟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନଙ୍କୁ ଆଞ୍ଚାଲଡୁ ବଣ୍ଟନ କରାଯାଇଥିଲା ବୋଲି ସାଇ ଶ୍ରୀକ୍ଷେତ୍ର ପରିବାର ପକ୍ଷରୁ ସୂଚନା ଦିଆଯାଇଛି।



ସହରରେ ଶ୍ରୀସାଇନାଥ ମହାରାଜଙ୍କ ପାଲିଙ୍କି ଶୋଭାଯାତ୍ରା କରାଯାଉଛି।

# ନିର୍ବାଚନରେ ବିଜୟ ପାଇଁ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର

**ଢେଙ୍କାନାଳରେ ଭାଜପା ଜାତୀୟ ଉପସଭାପତି**

ଢେଙ୍କାନାଳ,୨।୩(ରତନ ନାୟାର)



ଭାଜପାର ନିର୍ବାଚନ ପରିଚାଳନା କମିଟି ବୈଠକ।

ଢେଙ୍କାନାଳ ଲୋକ ସଭା କ୍ଷେତ୍ର ଭାଜପାର ନିର୍ବାଚନ ପରିଚାଳନା କମିଟି ବୈଠକ ଜିଲା କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାଜପାର ଜାତୀୟ ଉପସଭାନେତ୍ରୀ ତଥା ରାଜ୍ୟ ସହ ପ୍ରଭାରୀ ଛତିଶଗଡ଼ ବିଧାୟିକା ଲତା ଉସେଣ୍ଡି ଯୋଗଦେଇ ଆସନ୍ତା ସାଧାରଣ ନିର୍ବାଚନରେ ଢେଙ୍କାନାଳ ଲୋକ ସଭା ସମେତ ୭ଟି ବିଧାନସଭା ଆସନରେ ଜିତିବା ପାଇଁ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ସେ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଓଡ଼ିଶା ସବୁଠୁ ବେଶି ଲାଭାନ୍ୱିତ। ସେଥିପାଇଁ ଓଡ଼ିଆମାନେ ସବୁଠୁ ବେଶୀ ମୋଦିଙ୍କୁ ପସନ୍ଦ କରୁଛନ୍ତି ଓ ଭଲ ପାଉଛନ୍ତି। ଢେଙ୍କାନାଳ ଲୋକ ସଭା କ୍ଷେତ୍ରରେ ମୋଦି ସରକାର ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ବହୁ ବିକାଶମୂଳକ କାର୍ଯ୍ୟ ହୋଇପାରିଛି। ରାଜ୍ୟ ଉପସଭାପତି ତଥା ଲୋକ ସଭା ପ୍ରଭାରୀ ଗୋଲକ ମହାପାତ୍ର କହିଲେ, କାର୍ଯ୍ୟକର୍ତ୍ତାମାନେ ଘର ଘର ବୁଲି ମୋଦି ସରକାରଙ୍କ ସମସ୍ତ ଯୋଜନା ଉପରେ ଲୋକଙ୍କୁ ସଚେତନ କରାଇବା ସହ ଲାଭାର୍ଥୀଙ୍କୁ ଭେଟିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନ ପରିଚାଳନାର ସମସ୍ତ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯିବା ସହିତ ସମସ୍ତ ନିର୍ବାଚନମଣ୍ଡଳୀର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏଥିସହିତ ନିର୍ବାଚନ ପରିଚାଳନା ରଣନୀତି ଉପରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଉପସଭାପତି ସୁକେଶୀ ଓରାମ, ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ପ୍ରେମାନନ୍ଦ ଜେନା, ପ୍ରଦୀପ ବିଶ୍ୱାଳ ପ୍ରମୁଖ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ନେତା କାଳନ୍ଦୀ ସାମଲ, କୃଷ୍ଣଚନ୍ଦ୍ର ପାତ୍ର, ଅଞ୍ଜଳି ବେହେରା, ଅଶୋକ ମହାନ୍ତି, ପ୍ରତାପଚନ୍ଦ୍ର ପ୍ରଧାନ, ଶତ୍ରୁଘ୍ନ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରୋଜ ନଳିନୀ ମହାଳିକ, ପ୍ରତିମା ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର, ପରଜଙ୍ଗ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ନବକିଶୋର ଗୁରୁ ଓ ପର୍ଶୁରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ରାମଚନ୍ଦ୍ର ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ସେଲ୍ସ ମ୍ୟାନ୍‌ଙ୍କଠାରୁ ୮୨ ହଜାର ଲୁଟ୍

କାମାକ୍ଷାନଗର,(ସୁଧୀର ପରିଡ଼ା): ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଆଲୁଅଝରଣ ଗ୍ରାମ ନିକଟରୁ ଶନିବାର ଦୁର୍ବୃତ୍ତମାନେ ପିସ୍ତଲ ଦେଖାଇ ଔଷଧ ବିତରକ ସଂସ୍ଥାର ସେଲ୍ସ ମ୍ୟାନ ପଙ୍କଜ ବେହେରାଙ୍କ ଠାରୁ ୮୨ ହଜାର ଟଙ୍କା ଲୁଟି ନେଇଛନ୍ତି। ସେଲ୍ସ ମ୍ୟାନ କାମାକ୍ଷାନଗରର ବିଭିନ୍ନ ଔଷଧ ଦୋକାନରୁ ବକେୟା ଅର୍ଥ ଧରି ଢେଙ୍କାନାଳ ଫେରୁଥିବାବେଳେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ପିସ୍ତଲ ଦେଖାଇ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ପୋଲିସ ନଂ. ୬୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଗର୍ଭସ୍ଥ ଶିଶୁର ଠିକ୍ ଯତ୍ନ ଉପରେ ଗୁରୁତ୍ୱ

**ଆଠମଲ୍ଲିକ,୨।୩(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ତରଫରୁ ସ୍ଥାନୀୟ ସୂଚନା କେନ୍ଦ୍ର ସମ୍ମୁଖରେ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳିତ ହୋଇଯାଇଛି। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ଡିଏମ୍‌ଓ ଅଶୋକ କୁମାର ମଲ୍ଲିକ ଯୋଗଦେଇ ଗର୍ଭସ୍ଥ ଶିଶୁର ଠିକ୍ ଭାବରେ ଯତ୍ନ ଓ ଚିକିତ୍ସା କରାଗଲେ ଦିବ୍ୟାଙ୍ଗ ସଂଖ୍ୟା ହ୍ରାସ ପାଇବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଠି, ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା ପ୍ରମୁଖ ଯୋଗଦେଇ ଥିଲେ। ଡ. କୁମାର ସୌରଭ ସବ୍ୟସାଚୀ ବେଉରା, ନର୍ସିଂ ଅଫିସର ସ୍ନିଗ୍ଧାରାଣୀ ସିଂହ ଓ ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଦିବ୍ୟାଙ୍ଗମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ଦିଆଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା ବୃଦ୍ଧି ପାଇଁ ଶରଣ ବିଶ୍ୱାଳ ଓ ତାଙ୍କ ଦଳ ପାଲା ପରିବେଷଣ କରିଥିଲେ।

# ମାର୍ଚ୍ଚ ୫ରେ ଦଶମ ନାଟକ ଉତ୍ସବ

**ତାଳଚେର,୨।୩ (ମନୋଜ ନନ୍ଦ)**

ତାଳଚେରର ନାଟ୍ୟ ଅନୁଷ୍ଠାନ 'ଆମେ ବଞ୍ଚିଛୁ'ର ଦଶମ ନାଟକ ଉତ୍ସବ ସ୍ଥାନୀୟ ଜଗନ୍ନାଥ କଳାକେନ୍ଦ୍ର ପରିସରରେ ଆସନ୍ତା ୫ ତାରିଖରୁ ଆରମ୍ଭ ହେବ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାର ଏବଂ ଏମ୍‌ସିଏଲ୍‌ର ମିଳିତ ସହଯୋଗରେ ହେବାକୁ ଥିବା ଏହି ନାଟକ ଉତ୍ସବରେ ୨ଟି ନାଟକ ମଞ୍ଚସ୍ଥ ହେବ। ମାର୍ଚ୍ଚ ୫ରେ ଭୁବନେଶ୍ୱରର ଲାବଣ୍ୟ ଥିଏଟର ଆନୁକୂଲ୍ୟରେ ଡ. ନାରାୟଣ ସାହୁଙ୍କ ରଚିତ ଓ ଯୁବ ନିର୍ଦ୍ଦେଶକ ସତ୍ୟ ଜେନାଙ୍କ ନିର୍ଦ୍ଦେଶିତ ନାଟକ 'ଅନାଗତ' ଏବଂ ସମ୍ବଲପୁରର ଅଗ୍ରଣୀ ନାଟ୍ୟସଂସ୍ଥା ସ୍ୱରର କଳାକାରମାନଙ୍କ ଦ୍ୱାରା ପଞ୍ଚାନନ ମିଶ୍ରଙ୍କ ରଚିତ ଏବଂ ମାନସ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ 'କଥାନୀ' ମଞ୍ଚସ୍ଥ ହେବ। ୬ ତାରିଖରେ ବିଭିନ୍ନ ବିଦ୍ୟାଳୟରେ ଆମେ ବଞ୍ଚିଛୁର କଳାକାରମାନଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହେବ। କଳାକାରମାନଙ୍କୁ ଉତ୍ସାହିତ କରିବାକୁ ପ୍ରତିଷ୍ଠାତା ସମ୍ପାଦକ ମୁକୁନ୍ଦ ଶତପଥୀ ଅନୁରୋଧ କରିଛନ୍ତି।

# ସିଟିଟିସି ସହ ଚୁକ୍ତି ସ୍ୱାକ୍ଷରିତ



ଅନୁଗୋଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଚୁକ୍ତି ସ୍ୱାକ୍ଷରିତ ହେଉଛି।

**ଅନୁଗୋଳ,୨।୩ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲା ଖଣିଜ ପାଣ୍ଠିର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଭାରତ ସରକାରଙ୍କ ସଂସ୍ଥା ସିଟିଟିସି ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଓ ସିଟିଟିସି ଅଧିକାରୀଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଅଧାରୁ ପାଠ ଛାଡ଼ିଥିବା ଅଷ୍ଟମ ଶ୍ରେଣୀ ପାସ କରିଥିବା ଏବଂ ଦଶମ ଶ୍ରେଣୀ ଫେଲ ହୋଇଥିବା ୧୭ ବର୍ଷରୁ ଅଧିକ ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ ସହିତ ରୋଜଗାରକ୍ଷମ କରିବା ନିମନ୍ତେ ଏକ ବର୍ଷିଆ ପାଠ୍ୟକ୍ରମରେ ଯୋଗଦେବା ନିମନ୍ତେ ଏହି ଚୁକ୍ତି କରାଯାଇଛି। ଏହି ଚୁକ୍ତିରେ ଛାତ୍ରୀଛାତ୍ରମାନଙ୍କ ତାଲିମ, ଛାତ୍ରାବାସରେ ରହିବା ଓ ଖାଇବା ଖର୍ଚ୍ଚ ତଥା ମାସିକ ୧୦୦୦ ଟଙ୍କା ଭତ୍ତା ଜିଲା ଖଣିଜ ପାଣ୍ଠି ତରଫରୁ ବହନ କରିବାର ବ୍ୟବସ୍ଥା କରାଯାଇଛି। ଏହି ଏକ ବର୍ଷିଆ ତାଲିମ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ କୋର୍ସ ଇନ୍ ମେସିଶନ ଅପରେଶନ (ସିସିଏମ୍‌ଓ) ଟ୍ରେଡରେ ତାଲିମ ପ୍ରଦାନ କରାଯିବ। ଛାତ୍ରୀଛାତ୍ରମାନଙ୍କ ଚୟନ ନିମନ୍ତେ ଆସନ୍ତା ୭ ତାରିଖ ଗୁରୁବାର ଏକ ପରାମର୍ଶ ଶିବିରର ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜନ କାରାଯିବାର ବ୍ୟବସ୍ଥା କରାଯାଇଛି। ଏଥିନିମନ୍ତେ ଅଧାରୁ ପାଠ ଛାଡ଼ିଥିବା ଅଷ୍ଟମ ଶ୍ରେଣୀ ପାସ କରିଥିବା ଓ ଦଶମ ଶ୍ରେଣୀ ଫେଲ ହୋଇଥିବା ୧୭ ବର୍ଷରୁ ଅଧିକ ଛାତ୍ରୀଛାତ୍ରମାନେ ଏହି ଶିବିରରେ ଯୋଗଦାନ କରି ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଜିଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

# ପଥପ୍ରାନ୍ତ ପାଲା ମାଧ୍ୟମରେ ଜନସଚେତନତା

**ତାଳଚେର, ୨।୩ (ମନୋଜ ନନ୍ଦ)**

ତାଳଚେର ବ୍ଲକର ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ ପାଲା ମାଧ୍ୟମରେ ସରକାରଙ୍କ ଶିଶୁ ସମନ୍ୱିତ ସୁରକ୍ଷା ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଉଛି। ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଯୌତୁକ ନିର୍ଯାତନା ବନ୍ଦ କରିବା, ପାରିବାରିକ ହିଂସା, ନାରୀ ନିର୍ଯାତନା ଆଦି ବିଭିନ୍ନ ସାମାଜିକ ସମସ୍ୟାକୁ ରୋକିବା ପାଇଁ ପଥପ୍ରାନ୍ତ ପାଲା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଗାୟକ ପ୍ରମୋଦ କୁମାର ନାୟକ, ବାୟକ ପ୍ରକାଶ ଚନ୍ଦ୍ର ନାୟକ, ଭଗବାନ ନାୟକ, ଦୁଃଶାସନ ନାୟକ, ବସନ୍ତ ନାୟକ ପ୍ରମୁଖ ପାଲା କଳାକାର ବିଭିନ୍ନ ଗ୍ରାମକୁ ଯାଇ ପଥପ୍ରାନ୍ତ ପାଲା ପରିବେଷଣ କରୁଛନ୍ତି। ଏଥିରେ ସଂପୃକ୍ତ ପଞ୍ଚାୟତର ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ସହଯୋଗ କରୁଛନ୍ତି। ଫେବୃଆରୀ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ତାଳଚେର ଉପଖଣ୍ଡର ବିଭିନ୍ନ ଗ୍ରାମରେ ପରିବେଷଣ କରାଯାଉଥିବା ବେଳେ ଚଳିତ ମାସ ୫ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ଜଣାପଡିଛି ।



ପଥପ୍ରାନ୍ତ ପାଲା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି।

# ନିର୍ବାଚନମଣ୍ଡଳୀସ୍ତରୀୟ ଉନ୍ନୟନ ସମୀକ୍ଷା ବୈଠକ

**ପାଲଲହଡ଼ା,୨।୩ (ଦିବ୍ୟଜ୍ୟୋତି ଦାଶ)**

ପାଲଲହଡ଼ା ବିଧାୟକ ମୁକେଶ ପାଲଙ୍କ ଅଧ୍ୟକ୍ଷତାରେ ପାଲଲହଡ଼ା ନିର୍ବାଚନମଣ୍ଡଳୀସ୍ତରୀୟ ଉନ୍ନୟନ କମିଟିର ସମୀକ୍ଷା ବୈଠକ ଶନିବାର ସ୍ଥାନୀୟ ଶରତଚନ୍ଦ୍ର କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହ, ପାଲଲହଡ଼ା ଉପଜିଲାପାଳ ସୁଶାନ୍ତ କୁମାର ପତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକଙ୍କ ସମେତ ପାଲଲହଡ଼ା ଓ କଣିହାଁ ବିଡିଓ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ତଥା ଜନହିତକର ଯୋଜନାର ପ୍ରଗତି ବିଷୟରେ ବିଧାୟକ ସମୀକ୍ଷା କରିଥିଲେ। ବର୍ତ୍ତମାନସୁଦ୍ଧା କେତେ କାର୍ଯ୍ୟ ସମାପନ ହୋଇଛି ଏବଂ କେତେ କାର୍ଯ୍ୟ ଜାରି ରହିଛି ତଥା କେତେ ବକେୟା ରହିଛି ତାହାର ଟିକିନିଖି ତଥ୍ୟ ସମ୍ପର୍କରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ବକେୟା ଥିବା କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ସୁଶାନ୍ତ ପତି ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

# ଅନୁଗୋଳରେ ଆର୍‌ଟିଓ ନିଯୁକ୍ତି ପାଇଁ ଦାବିପତ୍ର

**ଅନୁଗୋଳ,୨।୩ (ଅମିତ କୁମାର ସାମଲ)**

ଅନୁଗୋଳ ଗସ୍ତରେ ଥିବା ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଉଷା ପାଢ଼ୀଙ୍କୁ ଶନିବାର ଅନୁଗୋଳ ସଚେତନ ନାଗରିକମାନଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ଥାୟୀ ଆଞ୍ଚଳିକ ପରିବହନ ଅଧିକାର ନିଯୁକ୍ତି ପାଇଁ ଏଥିରେ ଦାବି କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାର ଅନୁଗୋଳରେ ନ ଥିବା କାରଣରୁ ପରିବହନ, ଯାତାୟାତ ଓ ବିଭିନ୍ନ ଆବଶ୍ୟକ କାଗଜପତ୍ର କାର୍ଯ୍ୟ ଭଳି ଅନେକ ସମସ୍ୟା ଦେଖାଦେଇଛି। ଅନୁଗୋଳ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥରେ ଦୈନିକ ଲକ୍ଷାଧିକ ଭାରିଯାନ ସାଙ୍ଗକୁ ଛୋଟ ବଡ ଯାନ ଯାଉଥିବା ବେଳେ କେନ୍ଦ୍ର ଓ ରାଜ୍ୟ ରାଜକୋଷକୁ ସହସ୍ରାଧିକ କୋଟି ଟଙ୍କାର ରାଜସ୍ୱ ଯାଉଛି। ତେବେ ଗାଡ଼ି ଚଳାଚଳ ଜନିତ ଅନେକ ସମସ୍ୟା ରହିଥିଲେ ହେଁ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ଥାୟୀ ଆଞ୍ଚଳିକ ପରିବହନ ଅଧିକାରୀ ଭାବେ କେହି ନିଯୁକ୍ତି ହୋଇ ନ ଥିବା କାରଣରୁ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଅସ୍ଥାୟୀ ଭାବେ ଅନୁଗୋଳ ଦାୟିତ୍ୱ ଦିଆଯାଇଥିବାରୁ ସମ୍ପୃକ୍ତ ଅଧିକାରୀଙ୍କ ପକ୍ଷେ ୨ଟି କାର୍ଯ୍ୟାଳୟର ଦାୟିତ୍ୱ ନିର୍ବାହ କରିବାରେ ସମସ୍ୟା ଉପୁଜୁଛି। ଦୂରଦୂରାନ୍ତରୁ ଆସୁଥିବା ଲୋକେ ଅନୁଗୋଳ କାର୍ଯ୍ୟାଳୟରେ ନିଜ ଆବଶ୍ୟକ କାର୍ଯ୍ୟ କରିବାରେ ହଇରାଣ ହରକତ ହେଉଛନ୍ତି। ଏଣୁ ଏହାର ସ୍ଥାୟୀ ସମାଧାନ ନିମନ୍ତେ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜଣେ ସ୍ଥାୟୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିଯୁକ୍ତି କରାଯାଉ ବୋଲି ସଚେତନ ନାଗରିକ ଆବାହକ ପର୍ଶୁରାମ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦାବି କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯିବ ବୋଲି ବାଣିଜ୍ୟ ଓ ପରିବହନ ସଚିବ ପାଢ଼ୀ ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ଦଳରେ ସୌମ୍ୟରଞ୍ଜନ ଦାଶ, ପ୍ରତାପ ମହାପାତ୍ର, ବ୍ରହ୍ମଜ୍ୟୋତି ମିଶ୍ର, ଆଦ୍ୟଶ୍ଳୋକ ମିଶ୍ର ପ୍ରମୁଖ ସାମିଲ ରହିଥିଲେ।



ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଉଷା ପାଢ଼ୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପୋଖରୀରେ ବୁଡ଼ି ଜଣେ ମୃତ

**ବଇଣ୍ଡା,୨।୩(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ମିଣ୍ଡୋଳ ଗ୍ରାମ ପୋଖରୀରେ ବୁଡ଼ି ଆନନ୍ଦ ନାୟକ (୫୫)ଙ୍କ ମୃତ୍ୟୁ ହୋଇଛି। ଶନିବାର ତାଙ୍କ ମୃତଦେହ ଆଠମଲ୍ଲିକ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ସେ ଶୁକ୍ରବାର ଅପରାହ୍ନରେ ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ଶୁକ୍ରବାରଠାରୁ ଆଠମଲ୍ଲିକ ଅଗ୍ନିଶମ ବିଭାଗ ଅଧିକାରୀ ପାଣିରେ ବହୁ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଶନିବାର ପୋଖରୀ ହୁଡ଼ାରୁ ପାଣି କାଟିବା ପରେ ପଙ୍କରେ ବୁଡି ତାଙ୍କୁ ଅଗ୍ନିଶମ ବିଭାଗ ଅଧିକାରୀମାନେ ଉଦ୍ଧାର କରିଥିଲେ। ଠାକୁରଗଡ଼ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇ ଦେଇଛି।

# ଲୁଟେରାଙ୍କୁ ପୋଲିସ ଜିମା ଦେଲେ ସ୍ଥାନୀୟ ଲୋକେ

**ଓଡ଼ାପଡ଼ା,୨।୩(ରଞ୍ଜିତ ନାୟକ)**

ରାଜପଥ ଓ ବିଭିନ୍ନ ରାସ୍ତାରେ ପଥଚାରୀଙ୍କଠାରୁ ଲୁଟ୍ କରି ଫେରାର ହୋଇଯାଉଥିବା ଲୁଟେରାଙ୍କ ମଧ୍ୟରୁ ଜଣେ ଲୁଟେରାଙ୍କୁ ଶନିବାର ଗୁଡିଆକାଟେଣି ଛକରେ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ଅନ୍ୟ ଜଣେ ଲୁଟେରା ଫେରାର ହୋଇଯାଇଥିବା ଜଣାପଡିଛି। ଗତ ୨୭ ତାରିଖରେ ବଳରାମପ୍ରସାଦ ଗ୍ରାମର କ୍ରିଷ୍ଣା ମହାନ୍ତି ଏକ ବାଇକ୍‌ରେ ତାଙ୍କ ସମ୍ପର୍କୀୟ ମାଇଁଙ୍କୁ ନେଇ ଭାପୁରରୁ ବଳରାମପ୍ରସାଦ ଆସୁଥିବାବେଳେ ନାଣ୍ଡିପୁଲିଆ ନିକଟରେ ଲୁଟେରାମାନେ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ସୁନା ହାର ଓ ୨୦ ହଜାର ଟଙ୍କା ପଳାଇ ଯାଇଥିଲେ। ସେହିପରି ଏହାର ଦିନକ ପୂର୍ବରୁ ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଭୟଭୀତ କରାଇ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ପୋଲିସ କିଛି ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।



# ଯୁବକଙ୍କ ମୃତଦେହ ଜବତ

**ବଇଣ୍ଡା,୨।୩(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଶ୍ୱବାହାଳ ଗ୍ରାମର କାଠପାଳ ସାହି ଜଙ୍ଗଲରୁ ଶନିବାର ଖଣ୍ଡବର ଗ୍ରାମର ପଳଉ ଦେହୁରୀ (୪୫)ଙ୍କ ମୃତଦେହ ବଇଣ୍ଡା ଫାଣ୍ଡି ପୋଲିସ ଝୁଲନ୍ତା ଅବସ୍ଥାରେ ଜବତ କରିଛି। ପୋଲିସ ନଂ. ୦୩/୦୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ତାଙ୍କୁ କେହି ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ପଳଉ ୨ ଦିନ ହେବ ନିଖୋଜ ଥିଲେ। ଘରଠାରୁ ୪ କି.ମି. ଦୂର ଜଙ୍ଗଲରେ ତାଙ୍କ ମୃତଦେହ ଝୁଲୁଥିବା କେତେଜଣ ଗୋରୁ ଚଳାଳୀ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ମୃତି ରଞ୍ଜନ ନାୟକ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି।

# ଆଶ୍ରମ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

**ବଇଣ୍ଡା,୨।୩(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବଡ଼ରୋହିଲା ଗ୍ରାମର ରାମକୃଷ୍ଣ ଆଶ୍ରମ ବିଦ୍ୟାଳୟଠାରେ ଶୁକ୍ରବାର ବାମୁର ବନବିଭାଗ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର କୌପୁଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ସଚ୍ଚିଦାନନ୍ଦ ସେଠୀ, ବନାଞ୍ଚଳ ଅଧିକାରୀ ସରୋଜ କୁମାର ମିଶ୍ର, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ସଂଯୋଜକ ତାପସ ରଞ୍ଜନ କର ଓ ବାସୁଦେବ ରାୟଗୁରୁ, ଉନ୍ନୟନ ଅଧିକାରୀ ମନଗୁଡୁ ଜୁଆଡ଼ି, କୁମାରୀ ବିନୀତ ଟିର୍କି, ଦଳପତି ଅମିୟ ରଞ୍ଜନ ରାଉଳ ଓ କଦଳୀମୁଣ୍ଡା ବନପାଳ ସୁରେନ୍ଦ୍ର ପାତ୍ର, ବାଜପୁର ବନରକ୍ଷୀ ସମୟ ରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ଏଥିରେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ତରୁଣ କୁମାର ଭଞ୍ଜ, ଦନ୍ତରୋଗ ବିଶେଷଜ୍ଞ ଜେୱା ତ୍ରିପାଠୀ ଯୋଗଦେଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ମୋଟ୍ ୪୯୦ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ବିନାମୂଲ୍ୟରେ ଔଷଧ ବଣ୍ଟନ କରାଯାଇଥିଲା।



ଆଶ୍ରମ ବିଦ୍ୟାଳୟର ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ପୁଅଙ୍କ ମାଡ଼ରେ ବାପାଙ୍କ ମୃତ୍ୟୁ

**ଅନୁଗୋଳ,୨।୩(ଅମିତ ସାମଲ)**

ଅନୁଗୋଳ ଜିଲା ବନ୍ତଳା ଥାନା ତଳଗଡ ପଞ୍ଚାୟତ ନୂଆଭୂଇଁରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅ ବଳରାମ ଭୋଇଙ୍କ ମାଡ଼ରେ ବାପା ବାପା ବିପ୍ରବର ଭୋଇ(୬୦)ଙ୍କ ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ବିପ୍ରବରଙ୍କୁ ତାଙ୍କ ପୁଅ ବଳରାମ ମଦ୍ୟପାନ କରି ପୂର୍ବରୁ ମାଡପିଟ୍ କରିଥାନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ବଳରାମ ମଦ୍ୟପାନ କରି ବିପ୍ରବରଙ୍କ ସହିତ ଯୁକ୍ତିତର୍କ କରିବା ସହ ମାଡ଼ ମାରିଥିଲେ। ଫଳରେ ବିପ୍ରବରଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଥାନା ଅଧିକାରୀ ସଙ୍ଗୀତା ମହାପାତ୍ର କହିଛନ୍ତି, ମୃତକଙ୍କ ସମ୍ପର୍କୀୟ ଲିଖିତ ଅଭିଯୋଗ କରିବା ପରେ ଘଟଣା ଜଣାପଡିଥିଲା। ଏ ନେଇ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ଅଭିଯୁକ୍ତ ଫେରାର ହୋଇଯାଇଛି।

# ଦାବି ପୂରଣ ନ ହେଲେ ଆତ୍ମାହୁତି

**ପାଲଲହଡା,୨।୩(ଦିବ୍ୟଜ୍ୟୋତି ଦାଶ)**

ପାଲଲହଡା ବ୍ଲକ ଦ୍ୱିତୀୟ ଚିଲିକାଠାରେ ୬ଦଫା ଦାବି ନେଇ ଜଳସତ୍ୟାଗ୍ରହ ଆନ୍ଦୋଳନ ବେଳେ ପ୍ରଶାସନ ପକ୍ଷରୁ ଦାବିପୂରଣ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ୩ ମାସ ବିତି ଯାଇଥିଲେ ମଧ୍ୟ ସରକାର ପ୍ରତିଶ୍ରୁତି ପୂରଣ କରୁ ନ ଥିବାରୁ ଶନିବାର ପ୍ରଜାସଂଘ ଆବାହକ ଡ. ସନ୍ତୋଷ କୁମାର ଦେହୁରୀଙ୍କ ନେତୃତ୍ୱରେ ପ୍ରଜାସଂଘ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଆସନ୍ତା ୧୨ ତାରିଖ ସୁଧା ଦାବି ପୂରଣ ନ ହେଲେ ସଦରମହକୁମାସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ୧୩ ତାରିଖ ଦିନ ଆତ୍ମହୁତି ଦେବେ ବୋଲି ବିସ୍ଥାପିତ ବୁଡି ପ୍ରଜାସଂଘ ଆବାହକ ଡ. ସନ୍ତୋଷ କୁମାର ଦେହୁରୀ ଚେତାବନୀ ଦେଇଛନ୍ତି।

# ଛେଣ୍ଡିପଦାରେ ଭାଜପା-ବିଜେଡି ବାହାଘର




**ଛେଣ୍ଡିପଦା,୨।୩ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳାସ୍ଥିତ ମା' ରାମଚଣ୍ଡୀଙ୍କ ପୀଠ ସମ୍ମୁଖରେ ବ୍ଲକ କଂଗ୍ରେସ ପକ୍ଷରୁ ଶନିବାର ଭାଜପା ଓ ବିଜେଡି ମଧ୍ୟରେ ବାହାଘର କରାଯାଇଛି। ଭାଜପା ଓ ବିଜେଡି ମଧ୍ୟରେ ଭିତିରିଆ ସମ୍ପର୍କ ରହିଛି ଓ ଏହା ଗତ ରାଜ୍ୟ ସଭା ନିର୍ବାଚନ ବେଳେ ପ୍ରମାଣିତ ହୋଇଥିବା ଅଭିଯୋଗ କରିଛି ବ୍ଲକ କଂଗ୍ରେସ। ବ୍ଲକ କଂଗ୍ରେସ ସଭାପତି କୃତାର୍ଥ ଦେହୁରୀ ଓ କଂଗ୍ରେସ ନେତା ଗୋବିନ୍ଦ ନାଏକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରଯାତ୍ରୀ ବେଶରେ ଶତାଧିକ କଂଗ୍ରେସ କର୍ମୀ ଏଥିରେ ସାମିଲ ହୋଇଥିଲେ। ଭାଜପା ଓ ବିଜେଡି ପରସ୍ପରର ଭଲ ବନ୍ଧୁ। ଦୀର୍ଘବର୍ଷ ଧରି ଲିଭ୍ ଇନ୍ ରିଲେଶନରେ ଅଛନ୍ତି ବୋଲି ଅଖିଳ ଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା ଜନସାଧାରଣଙ୍କୁ ସଚେତନ କରିଥିଲେ। ଉଭୟ ଦଳର ଭିତିରି ସମ୍ପର୍କ ଯୋଗୁ ଓଡ଼ିଶାରେ ଦୁର୍ନୀତି ଭରି ରହିଛି। ଏଣୁ ଜନସାଧାରଣ ସଚେତନ ହେବା ସହିତ ଏପରି ସରକାରଙ୍କୁ ହଟାଇ କଂଗ୍ରେସ ସହିତ ରହିବା ପାଇଁ ଗୋବିନ୍ଦ ନାଏକ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଅଶୋକ ପ୍ରଧାନ, ଉଦୟ ନାଥ ବେହେରା, ଅଜୟ ବେହେରା, ଜିତେନ ସାହୁ, ପ୍ରିୟବ୍ରତ ସାହୁ, ଅଭିରାମ ସାହୁ, ବିଶ୍ୱଜିତ ପ୍ରଧାନ, ସୁରେଶ ସାହୁ, ଦିଲେଶ୍ୱର ସେଠୀ, ପ୍ରତାପ ପ୍ରଧାନ, ସୁଶାନ୍ତ ସାହୁ, ନିର ମାଝିଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ବ୍ରାହ୍ମଣୀରେ ଛଡ଼ାଗଲା ୨ ଲକ୍ଷ ମାଛ ଯାଆଁଳ

**କଣିହାଁ,୨।୩(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ପରାବିଲ ପଞ୍ଚାୟତ ସିଲିଂ ଗ୍ରାମ ବ୍ରାହ୍ମଣୀ ନଦୀଘାଟ ନିକଟରେ ମତ୍ସ୍ୟବିଭାଗ ତରଫରୁ ଶନିବାର ୨ ଲକ୍ଷ ମାଛ ଯାଆଁଳ ଛଡାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ମତ୍ସ୍ୟବିଭାଗ ଉପ ନିର୍ଦ୍ଦେଶକ କୁଆଁର ମାରାଣ୍ଡି, ଜିଲା ମତ୍ସ୍ୟ ଅଧିକାରୀ ରାଜେନ୍ଦ୍ର ପାତ୍ର, ସହକାରୀ ମତ୍ସ୍ୟ ଅଧିକାରୀ ବିଜୟ ସାହୁ, ବ୍ଲକ ମତ୍ସ୍ୟ ଅଧିକାରୀ କବିତା ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ମା' ତାରିଣୀ ମତ୍ସ୍ୟଜୀବୀ ସମବାୟ ସମିତି ସହଯୋଗରେ ଏହି ମାଛ ଯାଆଁଳ ଛଡାଯାଇଛି। ଆଗାମୀ ଦିନରେ ୫ ଲକ୍ଷ ୫୦ ହଜାର ମାଛ ଯାଆଁଳ ଛଡାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି।



